# Akashvani, Sambalpur

## SAMBALPURI NEWS EVENING BULLETIN

**13 March 2024- 7.02 pm- 7.12 pm.**

*********************************************

୧- ପ୍ରଧାନମନ୍ତ୍ରୀ ସାମାଜିକ ଉତ୍ଥାନ ଆଉ ରୋଜଗାର ଆଧାରିତ ଜନକଲ୍ୟାଣ - ପିଏମ୍ ସୁରଜ୍ ଜାତୀୟ ପୋର୍ଟାଲର ଲୋକାର୍ପଣ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

୨- ପ୍ରସାର ଭାରତୀର ସମାଚାର ବିତରଣ ସେବା -ପିବି-ଏସ୍ଏଚ୍ଏବିଡ଼ି ହେଲା ମୂଲ୍ ।

- ପ୍ରମୁଖ ଭାରତୀୟ ଭାଷାଥି ମିଲ୍ବା ସମାଚାର ।

୩- ପଦ୍ମପୁରସ୍କାର ପାଇଥିବାର ପ୍ରତିଭା ମାନ୍କୁ ମାସ୍କ ୨୫ ହଜାର ଟଙ୍କା ଦେବାର୍କେ ଘୋଷଣା କଲେ ରାଜ୍ୟ ସରକାର ।

ଆଉର୍

୪- ରାଏଜେ ଗ୍ରୀଷ୍ମ ପ୍ରବାହ ଜାରି ।

- ବୌଦ୍ଧ ଆଉ ଭବାନୀପାଟଣା ନ ତାପମାତ୍ରା ୩୯ ଡିଗ୍ରୀ ଉପ୍ରେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ "ପ୍ରଧାନ ମନ୍ତ୍ରୀ ସାମାଜିକ ଉତ୍ଥାନ ଆଉ ରୋଜଗାର ଆଧାରିତ ଜନକଲ୍ୟାଣ - "ପିଏମ୍ ସୁରଜ୍" ଜାତୀୟ ପୋର୍ଟାଲକେ ଲୋକାର୍ପଣ କରିଛନ୍ । ଇ ତାର୍ ସହେତେ ଅବହେଳିତ ବର୍ଗର ୧ ଲକ୍ଷ ଉଦ୍ୟୋଗୀଙ୍କର ଲାଗି ଋଣ ସହାୟତା ମଂଜୁର କରିଛନ୍ । ଇ ଅବସ୍ରେ ପ୍ରଧାନମନ୍ତ୍ରୀ କହିଛନ୍ ଯେ, ଦଲିତ୍, ପଛୁଆ ଆଉ ବଂଚିତ୍ ବର୍ଗର ଲାଗି ଦେଶ୍ ଗୁଟେ ବଡ୍ କାର୍ଯ୍ୟକ୍ରମ ଦେଖୁଛେ । ଆଜି ବଂଚିତ୍ ବର୍ଗର୍ ଲାଗି ସରକାରଙ୍କର ପ୍ରତିବଦ୍ଧତା ପ୍ରତିଫଳିତ ହେଇଛେ । ଭାରତର ୫ଶହ ଭିନ୍ ଭିନ୍ ଜିଲ୍ଲାର ୧ ଲାଖ୍ ହିତାଧିକାରୀଙ୍କର ବେଙ୍କ ଖାତାକେ ସିଧାସଲ୍ଖ ୭ଶହ ୨୦ କୋଟି ଟଙ୍କାର ଆର୍ଥିକ ସାହାଯ୍ ପଠାଯାଇଛେ । ବଂଚିତ୍ ବର୍ଗଙ୍କୁ ଆର୍ଥିକ ସାହାଯ୍ର ସୁବିଧା ଦେବାର୍ ଲାଗି ସୁରଜ୍ ପୋର୍ଟାଲ ମୂଲ୍ କରାଯାଇଛେ । ଇଟା ବିନା ମଧସ୍ଥି ଆଉ ସୁପାରିଶ୍ଥି ସରକାରୀ ଯୋଜନା ମାନ୍କର୍ ଲାଭ୍ ଡିବିଟି ଜରିଏ ପହଁଚାବା ବଲି ପ୍ରଧାନମନ୍ତ୍ରୀ କହିଛନ୍ । ସେନ୍ତା ସଫେଇ ମିତ୍ରମାନ୍କୁ ଆୟୁଷ୍ମାନ୍ ଭାରତ କାର୍ଡ ଆଉ ପିପିଇ କିଟ୍ ବାଁଟ୍ବାର୍ ବାବ୍ଦେ ପ୍ରଧାନମନ୍ତ୍ରୀ କହିଛନ୍ ଯେ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଆଉ ପଛୁଆବର୍ଗଙ୍କର ସହେତେ ବଂଚିତ୍ ବର୍ଗର କଲ୍ୟାଣ ଲାଗି ଇ

ସେବାମାନ୍‌କୁ ପହଁଚାବାର୍‌କେ ସମ୍ପ୍ରସାରଣ ଅଭିଯାନର ଅଂଶ ଭାବେ ନିଆଯାଇଛେ ବଲି ପ୍ରଧାନମନ୍ତ୍ରୀ କହିଛନ୍ ।

ପ୍ରଧାନମନ୍ତ୍ରୀ ହିତାଧିକାରୀମାନ୍‌କର୍ ସହେତେ କଥାବାର୍ତା ହେବାର୍ ବିଷେ କହିଛନ୍ ଯେ, ଦଲିତ୍, ବଂଚିତ ଆଉ ପଛୁଆ ବର୍ଗଙ୍କର ପାଖେ ଜନକଲ୍ୟାଣ ଯୋଜନା ପହଁଚୁଥିବାର୍‌ଟା ସନ୍ତୋଷର ବିଷେ ଆଏ । ଇଟା ତାକର୍ ଲାଗି ଭାବାବେଗର୍ କଥା ।

୨୦୪୭ ତକ୍ ବିକଶିତ ଭାରତ ଲକ୍ଷ୍ୟକେ ବଂଚିତ୍ ସମୁଦାୟ ବିକାଶ ବିନା ହାସଲ କରାଯାଇ ନାଇଁ ପାରେ । ଇ ଉଲ୍‌ଗୁନେ ଗରିବବର୍ଗର ଲୁକଙ୍କର ଉନ୍ନତି ଲାଗି ଥିବା ସରକାରୀ ଯୋଜନାର ଲାଭାର୍ଥୀଙ୍କର ସହେତେ ଅନୁସୂଚିତ ଜାତି, ପଛୁଆ ଶ୍ରେଣୀ ଆର୍ ପରିମଲ କର୍ମଚାରୀମାନ୍‌କର୍ ସହେତେ ଆଭାସୀ ଜରିଏ ପ୍ରଧାନମନ୍ତ୍ରୀ କଥାବର୍ତା କରିଥିଲେ ।

ଦେଶର୍ ୪ଶହ ୭୦ଟା ଜିଲ୍ଲାର୍ ଭିନ୍ ଭିନ୍ ସରକାରୀ ଯୋଜନାର ଅବହେଳିତ ମାନ୍‌କର୍ ୩ ଲକ୍ଷ ଲାଭାର୍ଥୀ ଇ କାର୍ଯ୍ୟକ୍ରମଥି ସାମିଲ୍ ହେଇଥିଲେ । କାର୍ଯ୍ୟକ୍ରମଥି ନେସନାଲ ଏକ୍ସନ୍ ଫର୍ ମେକାନାଇଜ୍‌ଡ୍ ସେନିଟେସନ୍ ଇକୋ ସିଷ୍ଟମ- ‘ନମସ୍ତେ’ ଜରିଏ ପ୍ରଧାନମନ୍ତ୍ରୀ ସଫେଇ କର୍ମଚାରୀମାନ୍‌କୁ ଆୟୁଷ୍ମାନ୍ ସ୍ୱାସ୍ଥ୍ୟକାର୍ଡ ଆଉ ପିପିଇ କିଟ୍ ବିତରଣ କରିଥିଲେ ।

କେନ୍ଦ୍ର ସୂଚନା ଆଉ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂ ଠାକୁର ଆଏଜ୍ ନୂଆଁଦିଲ୍ଲୀ ନ ପ୍ରସାର ଭାରତୀର ସମାଚାର ବିତରଣ ସେବା ପିବି - ଏସ୍ଏଚ୍ଏବିଡ଼ି (ସେୟାର୍ଡ ଅଡିଓ ଭିଜୁଆଲ୍ ଫର୍ ବ୍ରୋଡକାଷ୍ଟ ଏଣ୍ଡ ଡିସେମିନେସନ୍)ର ଶୁଭାରମ୍ଭ କରିଛନ୍ । ଇ ଅବ୍ସରେ ଶ୍ରୀ ଠାକୁର ଆକାଶବାଣୀ ଆଉ ଡିଡି ନ୍ୟୁଜ୍ର ଉନ୍ନିତ ୱେବ୍ସାଇଟ୍ର ଉନ୍ମୋଚନ୍ କରିଥିଲେ । ସେନ୍ତା ନ୍ୟୁଜ୍ ଅନ୍ ଏଆଇଆର ମୋବାଇଲ୍ ଆପ୍ଥି ଅପ୍ଡେଟ୍ ନ୍ୟୁଜ୍ ସେବାର୍ ମୂଲ୍ କରାଯାଇଛେ ।

ଇ ଅବ୍ସରେ କେନ୍ଦ୍ର ସୂଚନା ଆର୍ ପ୍ରସାରଣ ମନ୍ତ୍ରୀ କହିଛନ୍ ଯେ, ଆଏଜ୍ ଦେଶର୍ ସୂଚନା ଆଉ ପ୍ରସାରଣ କ୍ଷେତ୍ର ଲାଗି ଗୁଟେ ଐତିହାସିକ ଦିନ୍ ଆଏ । ବରଷ୍ ବରଷ୍ ଧରି କରି ପ୍ରସାର ଭାରତୀ ଖବର ଠୁଲେଇ କରି ସମାଚାର ପ୍ରସାରଣ କ୍ଷେତ୍ର ନ ଦେଶର୍ ସବୁ ଆଂଚଲିକ୍ ଭାଷାଥି ସେବା ଯୁଗେଇ ଆସିଛେ । ଇ ସଠିକ୍ ଆର୍ ଅର୍ଥପୂର୍ଣ୍ଣ ବିଷେକେ ଅଲ୍ଗା ଛାପା ଆର୍ ବୈଦ୍ୟୁତିକ ଗଣମାଧ୍ୟମ ଶିଳ୍ପ ସହେତେ ପ୍ରସାରଣ କର୍ବାର୍ ଲାଗି ଲକ୍ଷ୍ୟ ରଖାଯାଇଛେ ।

ମୂଲ୍ ହେବାର୍ ସମିଆଥି ପିବି-ଏସ୍ଏଚ୍ଏବିଡ଼ି ସେବା ପହେଲା ବଛର୍ ମାହାଲିଆ ମିଲିପାର୍ବା । ଆଉ ପଚାଶ୍ଟା ବର୍ଗଥି ପ୍ରମୁଖ

ଭାରତୀୟ ଭାଷାଥି ସମାଚାର ଯୁଗେଇ ଦିଆଯିବା ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଠାକୁର୍ କହିଛନ୍ ।

କନିଷ୍ଠ ଶିକ୍ଷକ ପାରିଶ୍ରମିକ ସିଏମ୍ଓ

ରାଜ୍ୟର ପ୍ରାଥମିକ ଆଉ ଉଚ୍ଚପ୍ରାଥମିକ ବିଦ୍ୟାଳୟ ମାନ୍‌କେ ଯୋଜନା ଭିତିକ ପଦବୀ ନ ତିନ୍ ବରଷ୍ କାମ୍ କରିଥିବାର୍ କନିଷ୍ଠ ଶିକ୍ଷକ୍ ମାନ୍‌କର୍ ପାରିଶ୍ରମିକକେ ରାଜ୍ୟ ସରକାର ବଢ଼େଇଛନ୍ । ଇ ଶିକ୍ଷକ୍‌ମାନେ ମାସ୍‌କ ୧୩ ହଜାର ୮ଶହ ଟଙ୍କା ଜାଗା ନ ଏତ୍‌କେ ୨୦ ହଜାର ଟଙ୍କା ପାରିଶ୍ରମିକ ପାଏବେ । ଇ ବଢ଼୍‌ତି ଗଲା ବରଷ୍‌ର ଜାନୁୟାରୀ ମାସ୍‌ର ୧ ତାରିଖନୁ ଲାଗୁ ହେବା । ଇ ଘୋଷଣାର ଲାଗି ରାଏଜେ କାର୍ଯ୍ୟରତ ୧୨ ହଜାର ୭ଶହ ୮୪ ଝନ୍ କନିଷ୍ଠ ଶିକ୍ଷକ ଉପକୃତ ହେବେ । ଇଥିର୍ ଲାଗି ଅଏତ୍‌କା ୯୫ କୋଟି ଟଙ୍କା ଖର୍ଚ୍ଚା ହେବା ବଲି ଜନାପଡ଼ିଛେ ।

ପଦ୍ମ ପୁରସ୍କାର-ସମ୍ମାନ ରାଶି ସିଏମ୍ଓ

ପଦ୍ମ ପୁରସ୍କାର ପାଇଥିବାର ରାଜ୍ୟର କୃତି ସନ୍ତାନ ମାନ୍‌କୁ ମାସ୍‌କ ୨୫ ହଜାର ଟଙ୍କା ଲେଖାଁ ସମ୍ମାନ ରାଶି ଦେବାର୍‌କେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ । ଆଏବା ଏପ୍ରିଲ୍ ମାସୁ ଇ ସମ୍ମାନ ରାଶି ଦିଆଯିବା । ପଦ୍ମ ପୁରସ୍କାର ଦେଶର ଗୌରବମୟ ବେସାମରିକ ସମ୍ମାନ । ପଦ୍ମ ପୁରସ୍କାର ପାଇଥିବାର୍ କୃତି ସନ୍ତାନ

ମାନେ ସେମାନ୍‌କର ପ୍ରତିଭା ଆଉ ପ୍ରତିଭାର୍ ସେବା କାର୍ଯ୍ୟ ଜରିଏ ଓଡ଼ିଶାର ଗୌରବ ବଢ଼େଇଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ନୂଆ ଏନ୍‌ଏସି -ମ୍ୟୁନିସିପାଲ୍‌ଟି ସିଏମ୍‌ଓ

ରାଜ୍ୟର ୧୩ଟା ଜିଲ୍ଲା ନ ୨୨ଟା ନୂଆଁ ବିଜ୍ଞପିତ ଅଂଚଳ ପରିଷଦ - ଏନ୍‌ଏସି ଗଠନ ଆଉ ଗଂଜାମ ଭଂଜନଗର ଏନ୍‌ଏସିକେ ମ୍ୟୁନିସିପାଲ୍‌ଟିକେ ଉନ୍ନତି କର୍‌ବାର୍ ଲାଗି ରାଜ୍ୟ ସରକାର ନିଷ୍ପତି ନେଇଛନ୍ । ଇ ବାବ୍‌ଦେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଏଜ୍ ଘୋଷଣା କରିଛନ୍ । ମୁଖ୍ୟମନ୍ତ୍ରୀଙ୍କର ଘୋଷଣା ଅନ୍‌ସାରେ ସମ୍ବଲପୁର ଜିଲ୍ଲାର ରେଙ୍ଗାଲି ଆଉ ବାମଣ୍ଡା, ସୁବର୍ଣ୍ଣପୁର ଜିଲ୍ଲାର ସୁବଳୟା, ଉଲୁଣ୍ଡା ଆଉ ରାମପୁର, କଳାହାଣ୍ଡି ଜିଲ୍ଲାର ନର୍ଲା ଆଉ ମଦନପୁର ରାମପୁରକେ ଏନ୍‌ଏସି ମାଏନ୍‌ତା ଦିଆଯାଇଛେ ।
ହେନ୍‌ତା ବରଗଡ଼ ଜିଲ୍ଲାର ସୋହେଲା ବୌଦ୍ଧ ଜିଲ୍ଲାର ମନମୁଣ୍ଡା, ପୁରୁଣା କଟକ ଆଉ ବାଉଁଶୁଣୀ ଆର୍ ବଲାଙ୍ଗିର ଜିଲ୍ଲାର ଲୋଇସିଂହା ଆଉ ସିନ୍ଧେକେଲାକେ ବିଜ୍ଞାପିତ ଅଂଚଲ ପରିଷଦ ମାନ୍ୟତା ପ୍ରଦାନ କରାଯାଇଛେ । ଗଲାମାସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩୫ଟା ନୂଆଁ ଏନ୍‌ଏସି ଆଉ ୫ଟା ନୂଆଁ ମ୍ୟୁନିସିପାଲଟି ଗଠନ ବିଷେ ଘୋଷଣା କରିଥିଲେ ।

ବନକଲାଗି　　　　　　　　　　　　　　　　ଆର୍‌ଏନ୍‌ୟୁ/ କଟକ

ଆଏଜ୍ ଫଗୁନ୍ ମାସ୍‌ର ଉଜଲ୍ ପଖର୍ ଚତୁର୍ଥୀ ତିଥି ନ ଆଏଜ୍ ପୁରୀ ଶ୍ରୀମନ୍ଦିର ନ ଶ୍ରୀ ବିଗ୍ରହମାନ୍‌କର୍ ବନକଲାଗି କି ମୁଖ ଶ୍ରୀଙ୍ଗାର ନୀତି ଅନୁଷ୍ଠିତ ହେଉଛେ । ଦତ ମହାପାତ୍ର ସେବକମାନେ ଶ୍ରୀ ମନ୍ଦିର ଭିତ୍‌ରେ ପ୍ରଭୁ ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ, ଦେବୀ ସୁଭଦ୍ରା ଆଉ ଚକ୍ର ରାଜ ସୁଦର୍ଶନଙ୍କର ବନକଲାଗି ସେବା କର୍‌ବାର୍ ପରମ୍ପରା ରହିଛେ ।
ବନକ ଲାଗି ନଗୁଟେ ଗୁପତ୍ ନୀତି ଆଏ । ସେଥିର୍ ଲାଗି ଦୁଇ ନମ୍ବର ଭୋଗମଣ୍ଡପ୍ ଶେଷ୍ ହେବାର୍ ଉତ୍‌ରୁ ସଂଜବେଲର୍ ୬ ବଜେନୁ ରାତି ୯ ବଜେ ଉତାରୁ ତକ୍ ସର୍ବସାଧାରଣଙ୍କର ଲାଗି ମହାପ୍ରଭୁଙ୍କର ଦର୍ଶନ ବନ୍ଦ ରହେବା ।

ଆଇପିଏସ୍ ଦାୟିତ୍ୱ　　　　　　　　　　　ଆର୍‌ଏନ୍‌ୟୁ / ସମ୍ବଲପୁର

ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ସନ୍ତୋଷ କୁମାର ଉପାଧ୍ୟାୟଙ୍କୁ ଓଡ଼ିଶା ପୋଲିସ ନିଯୁକ୍ତି ବୋର୍ଡର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛେ । ରାଜ୍ୟ ଗୃହ ବିଭାଗ ତରଫୁ ଇ ବାବ୍‌ଦେ ଗଲା କାଏଲ୍ ଗୁଟେ ବିଜ୍ଞପ୍ତିଥି କୁହାଯାଇଛେ ଯେ, ଶ୍ରୀ ଉପାଧ୍ୟାୟ ଇ ପଦବୀ ଥି ଦାୟିତ୍ୱ ନେଲା ଦିନୁ ଦୁଇ ବରଷ୍ ତକ୍ ରହେବେ ।

ହୋଲି ସ୍ପେଶାଲ ଟ୍ରେନ୍          ଆର୍‌ଏନ୍‌ୟୁ/ସମ୍ବଲପୁର

ଯାତ୍ରୀମାନ୍‌କର ସୁବିଧାକେ ନଜରଥି ରଖି କରି ଗୁରୁତ୍ୱପୂର୍ଣ୍ଣ ରୁଟ୍‌ମାନ୍‌କେ ଯାତ୍ରୀ ଭିଡ଼୍‌କେ ଦୂର୍ କର୍‌ବାର୍ ଲାଗି ପୂର୍ବତଟ ରେଳପଥ ତର୍‌ଫୁ ୫ଟା ହୋଲି ସ୍ୱତନ୍ତ୍ର ଟ୍ରେନ୍ ଚଲାବାର୍ ଲାଗି ନିଷ୍ପତି ନିଆଯାଇଛେ । ଇ ସ୍ପେଶାଲ ଟ୍ରେନ୍, ପୁନେ, ପାଟନା ଆଉ ନିଜାମୁଦ୍ଦିନ ଷ୍ଟେସନକେ ଚଲାଚଲ କର୍‌ବା । ଇତାର୍ ଭିତ୍‌ରୁ ଗୁଟେ ସ୍ୱତନ୍ତ୍ର ଟ୍ରେନ୍ ସମ୍ବଲପୁର-ପୁନେ-ସମ୍ବଲପୁର ହୋଲି ସ୍ପେଶିଏଲ ଟ୍ରେନ୍ ଆଏବା ୧୭ ନୁ ୩୧ ତାରିଖ୍ ତକ୍ ଫି' ରଏବାର ଦିନ ଚଲାଚଲ୍ କର୍‌ବା । ସମ୍ବଲପୁର ନୁ ରାତିର୍ ୧୦ ବଜେ ଇ ସ୍ୱତନ୍ତ୍ର ଟ୍ରେନ୍ ଚାଲ୍‌ବା । ହେନ୍ତା ପୁନେ ନୁ ସଖାଲର୍ ୯ ବାଜି କରି ୧୫ ମିନିଟ୍‌ନୁ ବାହାର୍‌ବା ।

ଇ ଟ୍ରେନ୍ ବରଗଡ଼ ରୋଡ଼୍, ବଲାଙ୍ଗିର, ଟିଟିଲାଗଡ଼୍, କଂଟାବାଂଜି, ଖରିଆରରୋଡ଼୍, ରାୟପୁର, ନାଗପୁର, ଅହମ୍ମଦ ନଗର ବାଗିର ୨୧ଟା ଷ୍ଟେସନ ନ ରହେବା ବଲି ରେଳବାଇ ତରଫୁ କୁହାଯାଇଛେ ।

ପଡ଼ୋଶୀ ଯୁବ ସଂସଦ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତ ସରକାରଙ୍କର ଯୁବ ବ୍ୟାପାର ଆର୍ କ୍ରୀଡ଼ା ମନ୍ତ୍ରଣାଳୟ ନେହେରୁ ଯୁବକେନ୍ଦ୍ର ତରଫୁ ଆଏଜ୍ ସମ୍ବଲପୁର ଜିଲ୍ଲା

ନାକଟୀଦେଉଳ ଡିଗ୍ରୀ କଲେଜ ଠାନେ ଜିଲ୍ଲାସ୍ତରୀୟ ପଡ଼ୋଶୀ ଯୁବସଂସଦ କାର୍ଯ୍ୟକ୍ରମ କରାଯାଇଥିଲା । ଯୁବ ଶକ୍ତି ଦେଶର୍ ସମ୍ବଲ ଆଏ । ସୁସ୍ଥ ସମାଜ ଗଠନ ଦିଗେ ସମର୍ପଣ ଭାବନା ନେଇ କରି କାମ୍ କର୍‌ବାର୍‌କେ ଅତିଥିମାନେ ଛାତ୍ରଛାତ୍ରୀମାନ୍‌କୁ ଆହ୍ୱାନ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ତାତି ବଢ଼ି ଚାଲିଥିବାର୍ ବେଳେ ଆଏବା ହପ୍ତେ ତକ୍ ଧୁକା ଧୁନ୍ଦି ସହେତେ କେତେଟା ଜାଗା ନ ବର୍ଷା ହେବା ବଲି ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ତରଫୁ ଅନୁମାନ କରାଯାଇଛେ । ଆଏବା ଦୁଇ ଦିନଥି ବୌଦ୍ଧ, କଳାହାଣ୍ଡି, କନ୍ଧମାଳ ଆଉ ଅନୁଗୁଳ ଜିଲ୍ଲା ସାମାନ୍ୟ ବର୍ଷା ହେଇପାରେ । ଆଏଜ୍ ବୌଦ୍ଧ ନ ସବୁଠାନୁ ଜହ ୩୯ ଦଶମିକ ୫ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛେ । ରାଜ୍ୟ ନ ଇ ବଛରର୍ ପହେଲା ଥର୍ ଲାଗି ଏତେ ଜହ ତାତି ରେକର୍ଡ ହେଇଛେ । ଇତାର୍ ଉତ୍‌ରୁ ଭବାନୀପାଟଣା ନ ତାପମାତ୍ରା ୩୯ ଦଶମିକ ୪ ଡିଗ୍ରୀ, ଝାରସୁଗୁଡ଼ା ୩୮ ଦଶମିକ ୬, ସମ୍ବଲପୁର ନ ୩୮ ଦଶମିକ ୭, ବଲାଙ୍ଗିର ନ ୩୮ ଦଶମିକ ୯ ଡିଗ୍ରୀ ସେଲ୍‌ସିୟସ୍ ତାତି ରେକର୍ଡ କରାଯାଇଛେ । ହେଲେ ଆଏବା କାଏଲ୍ ତାତି ସ୍ୱାଭାବିକୁ ୪ ଡିଗ୍ରୀ ସେଲ୍‌ସିୟସ୍ ନ ପହଁଚିବା । ତାର୍ ଉତାରୁ ବଡ଼ଭାଗି ଇଲାକା ନ ଦିନ୍‌ବେଳାର ତାତି ଦୁଇ ରୁ ୩ ଡିଗ୍ରୀ ସେଲ୍‌ସିୟସ୍ କମ୍‌ବା ବଲି ବିଭାଗ ଅନୁମାନ କରିଛେ ।

ବଲାଙ୍ଗିର / ପିଇବାର୍ ପାଏନ୍ ଯୋଜନା

ବଲାଙ୍ଗିର ସମ୍ବାଦଦାତା

ବଲାଙ୍ଗିର ଜିଲ୍ଲା ପ୍ରଶାସନ ଆଉ ରାଷ୍ଟ୍ରାୟତ ଆଉ ମହାନଦୀ କୋଇଲା କମ୍ପାନୀ - ଏମ୍‌ସିଏଲ୍ ଭିତ୍‌ରେ ଜିଲ୍ଲା ନ ଭିନ୍ ଭିନ୍ ଉନ୍ନୟନ ପ୍ରକଳ୍ପ ଲାଗି ଆଏଜ୍ ଗୁଟେ ଚୁକ୍ତିନାମା ସ୍ୱାକ୍ଷରିତ ହେଇଛେ । ଇ ପ୍ରକଳ୍ପ ମାନ୍‌କର୍ ଲାଗି ଏମ୍‌ସିଏଲ ୬୦ ଲାଖ୍ ଟଙ୍କା ଯୁଗେଇ ଦେବା । ଭୀମଭୋଇ ମେଡିକାଲର ଉପକରଣ, କଂଟାବାଂଜି ହସ୍ପିଟାଲ ନ ଅମ୍ଳଜାନ ପାଇପ୍ ଲାଇନ୍, ଦୁଗ୍ଧ ଚାଷୀମାନ୍‌କର ତାଲିମ୍, ଏସ୍‌ସିଏସ୍‌ଟି ହଷ୍ଟେଲ ନ ଇନର୍ଭଟର ଆଉ ଟେରାକୋଟା ଦକ୍ଷତାକେନ୍ଦ୍ର ବନବାର୍‌କେ ଇ ଟଙ୍କା ବ୍ୟବହାର କରାଯିବା ।